# NATIONAL NEWS BULLETIN (ODIA)

## 27 June 2026

## Midday Bulletin : 1.50 P.M.

*******************************

## ମୁଖ୍ୟ ସମ୍ବାଦ

- ସେସେଲ୍ସକୁ ୩ ଦିନିଆ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ

– କହିଲେ, ପାରସ୍ପରିକ ବିଶ୍ୱାସ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଦୁଇଦେଶ ମଧ୍ୟରେ ସଂପର୍କକୁ ମଜବୁତ କରୁଛି

- ଗୁଜରାଟର ଗାନ୍ଧିନଗରଠାରେ ଭାରତ ଟ୍ୟାକ୍ସି ସେବାର ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ଆକାଶବାଣୀର ମନ୍‌କିବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

- ବିଶ୍ୱ ଅର୍ଥନୀତିରେ ଏମ୍‌ଏସଏମ୍‌ଇ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ

ଏବଂ

- ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେଲା ଇଜିପ୍ଟ

# ପିଏମ୍ -ଡିପାରଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏବଂ ସେସେଲ୍ସ କୂଟନୈତିକ ସଂପର୍କ ଚଳିତବର୍ଷ ୫୦ତମ ବାର୍ଷିକୀ ପାଳନ କରୁଛି । ପାରସ୍ପରିକ ବିଶ୍ୱାସ, ଗଣତାନ୍ତ୍ରିକ ମୂଲ୍ୟବୋଧ, ବିବିଧତା ପ୍ରତି ସମ୍ମାନ ଏବଂ ଜନସଂପର୍କ ଉପରେ ଏହା ଆଧାରିତ ବୋଲି ଶ୍ରୀ ମୋଦୀ କହିଛନ୍ତି। ସେସେଲ୍ସ କୁ ୩ ଦିନିଆ ଗସ୍ତରେ ଯିବା ପୂର୍ବରୁ ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଏହି ଗସ୍ତ ଦୁଇଦେଶ ମଧ୍ୟରେ ସଂପର୍କକୁ ଅଧିକ ସୁଦୃଢ଼ କରିବ ଏବଂ ଭାରତ ମହାସାଗର କ୍ଷେତ୍ର ପାଇଁ ପ୍ରଗତି ଓ ସମୃଦ୍ଧିର ସହଭାଗିତାକୁ ଅଧିକ ସଶକ୍ତ କରିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ସକାଳେ ସେସେଲସକୁ ୩ ଦିନିଆ ଗସ୍ତରେ ଯାଇଛନ୍ତି । ସେସେଲ୍ସର ରାଷ୍ଟ୍ରୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶ୍ରୀ ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଧାନମନ୍ତ୍ରୀ ଶେଷଥର ପାଇଁ ୨୦୧୫ ମସିହାରେ ସେସେଲ୍ସ ଗସ୍ତ କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ସମାରୋହରେ ଭାରତୀୟ ପ୍ରତିରକ୍ଷା ବାହିନୀର ଏକ ଦଳ ଏବଂ ନୌସେନାର ଦୁଇଟି ଯୁଦ୍ଧଜାହାଜ ଅଂଶଗ୍ରହଣ କରିବେ।

ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ' ସେସେଲ୍ସର ରାଷ୍ଟ୍ରପତି ଡକ୍ଟର ପାଟ୍ରିକ୍ ହର୍ମିନିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ସେସେଲ୍ସର ଜାତୀୟ ବିଧାନସଭାକୁ ସମ୍ବୋଧିତ କରିବା ସହ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସହ ମତବିନିମୟ

କରିବେ। ଶ୍ରୀ ମୋଦି ଉଦ୍ଭିଦ ଉଦ୍ୟାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେବା ସହ ସେସେଲ୍ସ କୋଷ୍ଟଗାର୍ଡ ଘାଟି ପରିଦର୍ଶନ କରିବେ।

ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟ ପଦ ପାଇଁ ସେସେଲ୍ସ ସମର୍ଥନ ପ୍ରଦାନ କରିଆସିଛି । ଶ୍ରୀ ମୋଦୀଙ୍କ ଗସ୍ତ ପରିପ୍ରେକ୍ଷୀରେ ସେସେଲ୍ସର ବୈଦେଶିକ ମନ୍ତ୍ରୀ ବାରି ଫାଉରେ କହିଛନ୍ତି, ଜନସଂଖ୍ୟା, ବିଶ୍ୱସ୍ତରରେ ବୃଦ୍ଧି ପାଉଥିବା ପ୍ରଭାବ ଏବଂ ଶାନ୍ତି, ସହାବସ୍ଥାନ, ସାମୁଦ୍ରିକ ସୁରକ୍ଷା ଏବଂ ବହୁପକ୍ଷିୟ କୁଟନୀତିରେ ଅବଦାନ ଯୋଗୁଁ ଭାରତ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାନ ପାଇବାକୁ ଯୋଗ୍ୟ । ସେସେଲ୍ସ ଭାରତର ପ୍ରାର୍ଥୀତ୍ୱକୁ ସମର୍ଥନ କରୁଛି । ଏହି ପରିଷଦରେ ଭାରତର ଅନ୍ତର୍ଭୁକ୍ତି ବିଶ୍ୱ ସନ୍ତୁଳନକୁ ସୁଦୃଢ଼ କରିବା ସହ ଶାନ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ବୈଦେଶିକ ମନ୍ତ୍ରୀ ଶ୍ରୀ ଫାଉରେ କହିଛନ୍ତି ।

## ଶାହା ଲଞ୍ଚ୍ ଭାରତ ଟ୍ୟାକ୍ସି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରରେ ଭାରତର ପ୍ରଥମ ସମବାୟ ଆଧାରିତ ଟ୍ୟାକ୍ସି ସେବା ‘ଭାରତ ଟ୍ୟାକ୍ସି’ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସମାବେଶକୁ ସମ୍ବୋଧନ କରି ଶ୍ରୀ ଶାହା ଭାରତ ଟ୍ୟାକ୍ସି ଯୋଜନାର ଉଦ୍ଦେଶ୍ୟ ଏବଂ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ଯାତ୍ରୀ ଏବଂ ଟାକ୍ସି ଚାଳକଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ ଯାତ୍ରାକୁ ସୁଗମ କରିବା ଲକ୍ଷ୍ୟ ନେଇ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

**V/O**

କାର୍ଯ୍ୟକ୍ରମରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ, ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଗଭି, ସମବାୟ କ୍ଷେତ୍ରର ପ୍ରତିନିଧି ଏବଂ ୪,୦୦୦ରୁ ଅଧିକ ଟ୍ୟାକ୍ସି ଚାଳକ ଅଂଶଗ୍ରହଣ କରିଥିଲେ।

ଅମୂଲ, ଇଫ୍‌କୋ, ନାବାର୍ଡ଼ ସହିତ ଆଠଟି ପ୍ରମୁଖ ସମବାୟ ସଂସ୍ଥାର ସହଯୋଗରେ 'ଭାରତ ଟ୍ୟାକ୍ସି' ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିରେ ଶୂନ୍ୟ କମିଶନ ମଡେଲ୍ ଆଧାରରେ ଚାଳକମାନଙ୍କୁ ସର୍ବାଧିକ ଆର୍ଥିକ ଲାଭ ପ୍ରଦାନ କରାଯିବ ।

ତିନି ଦିନିଆ ଗୁଜରାଟ ଗସ୍ତରେ ଯାଇଥିବା ଶ୍ରୀ ଶାହା ଆଜି ସେଠାରେ କେତେକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟସୂଚୀ ରହିଛି ।

# ଗୋଏଲ୍ ରାଉଣ୍ଡଟେବୁଲ୍ ଡିସ୍‌କସନ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଲଣ୍ଡନଠାରେ ଏସିଆ ହାଉସ୍ ଏବଂ ପ୍ରମୁଖ ବିଶ୍ୱସ୍ତରୀୟ ଉଦ୍ୟୋଗ କ୍ଷେତ୍ରର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଗୋଲ୍ ଟେବୁଲ୍‌ରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ  ଏ ସଂପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ବୈଠକରେ  ବେଶ୍ ଫଳପ୍ରଦ ଆଲୋଚନା ହୋଇଛି । ଦ୍ୱିପାକ୍ଷିକ ଆର୍ଥିକ କ୍ଷେତ୍ରକୁ ମଜବୁତ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସଂପର୍କ ବୃଦ୍ଧି ନେଇ ନୂତନ ମାର୍ଗ ଉନ୍ମୋଚନ କରିବା ଲକ୍ଷ୍ୟ ନେଇ ବୈଠକରେ ମତ ବିନିମୟ ହୋଇଛି । ଏହି ଅବସରରେ ଶ୍ରୀ ଗୋୟଲ ଦେଶର ଉତ୍ପାଦନ ଇକୋ ସିଷ୍ଟମ୍ ଏବଂ ବିଭିନ୍ନ କ୍ଷେତ୍ରରେ ରହିଥିବା  ନିବେଶର ସମ୍ଭାବନା ଉପରେ ମନ୍ତ୍ରୀ ଶ୍ରୀ ଗୋୟଲ୍ ଆଲୋକପାତ କରିଛନ୍ତି ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୩୫ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଏମ୍‌ଏସ୍‌ଏମ୍‌ଇ ଦିବସ

ବିଶ୍ୱ ଅର୍ଥନୀତିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଏବଂ ସେମାନଙ୍କର ଅଭିବୃଦ୍ଧି ସହିତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ । ଦେଶର ଅର୍ଥନୀତି ଏବଂ ନିଯୁକ୍ତି କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

ଏହି ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ଭାରତରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପ୍ରଥମ ପିଢ଼ିର ଉଦ୍ୟୋଗୀଙ୍କ ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରତା ମନୋଭାବକୁ  ପ୍ରତିନିଧିତ୍ୱ କରୁଛି । ନୂଆଦିଲ୍ଲୀଠାରେ ଆଜି ଏହି ଦିବସ ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ

ଉପରାଷ୍ଟ୍ରପତି କହିଛନ୍ତି, ଦେଶର ମୋଟ୍ ରପ୍ତାନୀର ପ୍ରାୟ ୫୦ ପ୍ରତିଶତ ଏମ୍ଏସ୍ଏମ୍ଇ କ୍ଷେତ୍ରରୁ ହୋଇଥାଏ । ଉଦ୍ୟୋଗୀଙ୍କ ଉତ୍ପାଦକତା ବୃଦ୍ଧି ଏବଂ ଆନ୍ତର୍ଜାତିକ ଗୁଣବତ୍ତା ମାନ ବଜାୟ ରଖିବାରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ପରାମର୍ଶ ଦେଇଛନ୍ତି ।

## କୋଲ୍କାତା ମିଶାପ୍

କୋଲକାତାର ତାରାତଲା ଅଞ୍ଚଳରେ କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ମୃତକଙ୍କ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। କୋଲକାତାସ୍ଥିତ ଏସ୍ଏସ୍କେଏମ୍ ହସ୍ପିଟାଲରେ ଆହତମାନଙ୍କୁ  ଚିକିତ୍ସା କରାଯାଉଛି ।  ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏନ୍‌ଡିଆରଏଫ୍, ରେଳବାଇ, ସେନାବାହିନୀ, ଏସ୍‌ଡିଆରଏଫ୍ ଏବଂ ଅନ୍ୟାନ୍ୟ ସୁରକ୍ଷାସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ଏହି ଘଟଣାରେ ଜଣେ ସରକାରୀ ଅଧିକାରୀଙ୍କ ସମେତ ୬ ଜଣଙ୍କୁ ପୋଲିସ ଗିରଫ କରିଛି। ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛନ୍ତି ।

## ୟୁ.ଏସ୍. ଷ୍ଟ୍ରାଇକ୍ - ଇରାନ୍

ହର୍ମୁଜ୍ ପ୍ରଣାଳୀରେ ଏକ ବାଣିଜ୍ୟିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଆମେରିକା’ ଇରାନ ଉପରେ ଆକ୍ରମଣ କରିଛି। ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ-ସେଣ୍ଟକମ୍ ପକ୍ଷରୁ ଜାରି ହୋଇଥିବା ସୂଚନା ଅନୁଯାୟୀ ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଉତ୍କ୍ଷେପଣ କେନ୍ଦ୍ର ସହ ଉପକୂଳବର୍ତ୍ତୀ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି । ଆକ୍ରମଣର କିଛି ସମୟ ପୂର୍ବରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଥିଲେ, ଯୁଦ୍ଧବିରତି ଚୁକ୍ତି ଉଲ୍ଲଂଘନ ପାଇଁ ଇରାନ ଉପରେ ଆକ୍ରମଣ

କରାଯାଇପାରେ । ଅନ୍ୟପକ୍ଷରେ ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ -କର୍ପସ୍‌ର ନୌସେନା ଇରାନ ଉପକୂଳବର୍ତ୍ତୀ ବନ୍ଦରଗୁଡ଼ିକରେ ଆମେରିକୀୟ ଆକ୍ରମଣର ପ୍ରତିଶୋଧ ସ୍ୱରୂପ  ସେହିସବୁ ଅଞ୍ଚଳରେ ଆମେରିକୀୟ ସାମରିକ ଘାଟୀଗୁଡ଼ିକୁ ଲକ୍ଷ୍ୟ କରାଯାଇ ଆକ୍ରମଣ କରାଯିବା ନେଇ ଘୋଷଣା କରିଛି। ଇରାନର ସାମରିକ ମୁଖପାତ୍ର ଇବ୍ରାହିମ୍ ଅଲ୍ ଫିକାର କହିଛନ୍ତି, ଆମେରିକା ଆକ୍ରମଣର ଜବାବ ଦେବା ପାଇଁ ଇରାନ ଉପଯୁକ୍ତ ସମୟ ଏବଂ ସ୍ଥାନକୁ ଅପେକ୍ଷା କରିଛି।

ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି, କୌଣସି ପ୍ରକାର ହିଂସାର ସାମରିକ ଜବାବ ଦିଆଯିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଭାନ୍ସ କହିଛନ୍ତି, ଇରାନ ଅସ୍ତ୍ରବିରତି ଚୁକ୍ତିନାମାରେ ସ୍ୱାକ୍ଷର କରିଛି ଏବଂ ଆମେରିକା ଏହାକୁ ସମ୍ମାନ  ପ୍ରଦର୍ଶନ କରେ ।

# ନଡ୍ଡା ହେଲ୍‌ଥ କନ୍‌ଫରେନ୍ସ

କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆସନ୍ତା ୨୯ ତାରିଖରେ ନୂଆଦିଲ୍ଲୀରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପରିଷଦର ୧୬ତମ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଏହି ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ, ସାଂସଦ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ । ଏହି ସମ୍ମିଳନୀରେ ନୀତିଗତ ପ୍ରାଥମିକତା ଉପରେ ବିଚାରବିମର୍ଶ କରିବା ଏବଂ ସ୍ୱାସ୍ଥ୍ୟକ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସହଯୋଗକୁ ସୁଦୃଢ଼ କରିବା ପାଇଁ ଏକତ୍ରିତ ହେବେ । ଚଳିତବର୍ଷର ସମ୍ମିଳନୀର ବିଷୟବସ୍ତୁ ଅଧିବେଶନଗୁଡ଼ିକ ଜାତୀୟ ସ୍ୱାସ୍ଥ୍ୟ ମିଶନ- ଏସ୍‌ଜିଜି ଲକ୍ଷ୍ୟ ଏବଂ ପ୍ରାଥମିକତା, ଖାଦ୍ୟ ଏବଂ ଔଷଧ ସଂସ୍କାର ଏବଂ ସହଯୋଗୀ

ସ୍ୱାସ୍ଥ୍ୟସେବା ଉପରେ ଆଲୋଚନା ହେବ । ସମ୍ମିଳନୀରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏବଂ ପ୍ରତାପ ଯାଧବ ମଧ୍ୟ ଯୋଗଦେବେ ବୋଲି ଜଣାପଡ଼ିଛି ।

# ଫିଫା

ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଇଜିପ୍ଟ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଗ୍ରୁପ୍-ଜି ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଇରାନ ଏବଂ ଇଜିପ୍ଟ ମଧ୍ୟରେ ଖେଳ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା । ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଇଜିପ୍ଟ ଅପରାଜିତ ରହି ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚିଛି । ରାଉଣ୍ଡ ୩୨ ପର୍ଯ୍ୟାୟ ମ୍ୟାଚ୍‌ରେ ଇଜିପ୍ଟ' ଅଷ୍ଟ୍ରେଲିଆକୁ ଭେଟିବ । ଗ୍ରୁପ୍-ଜିର ଅନ୍ୟ ଏକ ମ୍ୟାଚ୍‌ରେ ବେଲ୍‌ଜିୟମ' ନ୍ୟୁଜିଲ୍ୟାଣ୍ଡକୁ ୫-୧ରେ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ବେଲ୍‌ଜିୟମ ରାଉଣ୍ଡ୍-୩୨ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗ କହିଛି, ଉତ୍ତର ଆରବ ସାଗର, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ଅନ୍ୟାନ୍ୟ ଅଞ୍ଚଳକୁ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପ୍ରବେଶ କରିବା ପାଇଁ ପାଗ ଅନୁକୂଳ ରହିଛି । ଆସନ୍ତା ୨ ଦିନ ମଧ୍ୟରେ ପଶ୍ଚିମବଙ୍ଗର ଉପହିମାଳୟ ଅଞ୍ଚଳ ଓ ସିକିମ୍‌ରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି ।